ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev.(OD)/1058/16-01-2021

# ଭର୍ଚୁଆଲ୍ ଟୁର୍‌ରେ ରାଜ୍ୟ ଜନଜାତି ସଂଗ୍ରହାଳୟ
## ଲାଞ୍ଜିଆ ସଉରାଙ୍କ ପୋଷାକ

ଭୁବନେଶ୍ୱର, ତା.୧୬/୦୧/୨୦୨୧

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଅଗଷ୍ଟ ୨ ତାରିଖଠାରୁ ପ୍ରତ୍ୟେକ ରବିବାର ଦିନ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରର ବ୍ୟବସ୍ଥା କରାଯାଇଛି । ଜାନୁଆରୀ ୧୭ ତାରିଖ ଦିନ ଦର୍ଶକମାନେ ଭିଡ଼ିଓ ଯୋଗେ ଲାଞ୍ଜିଆ ସଉରାଙ୍କ ପୋଷାକ ସଂପର୍କରେ ଜାଣିପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି ।

ଓଡ଼ିଶାର ଗଜପତି ଓ ରାୟଗଡ଼ା ଜିଲ୍ଲାରେ ଲାଞ୍ଜିଆ ସଉରା ଜନଜାତି ସଂପ୍ରଦାୟ ମୁଖ୍ୟତଃ ବସବାସ କରିଥା'ନ୍ତି । ଏହି ଜନଜାତି ପୁରୁଷମାନେ ସେମାନଙ୍କର ନିଆରା ପୋଷାକ ଯୋଗୁଁ ଚିହ୍ନା ପଡ଼ନ୍ତି । ସେମାନେ ସୂତା ଲୁଗା ସହ ସେମାନଙ୍କର ଧଳା ଲିଓନ କପଡ଼ାରେ ନାଲି ଧଡ଼ି 'ଆର୍‌ସି ଓଲେକାନ' ପରିଧାନ କରିଥା'ନ୍ତି । ପୃଷ୍ଠଭାଗ ଲୁଗା ଲାଞ୍ଜ କିମ୍ବା ଲାଞ୍ଜିଆ ଭଳି ପରିଧାନ କରାଯାଇଥାଏ । ଏହି ସଂପ୍ରଦାୟ ବସ୍ତ୍ର ଝୁଲାଇ ପରିଧାନ କରୁଥିବାରୁ ସେମାନଙ୍କୁ ଲାଞ୍ଜିଆ ସଉରା ନାମରେ ନାମିତ କରାଯାଇଛି । ସ୍ଥାନୀୟ ବଜାରରୁ ଏହି ସଂପ୍ରଦାୟର ପୁରୁଷମାନେ ଅଳ୍ପ ଅଳଙ୍କାର ପିନ୍ଧିଥା'ନ୍ତି । ଉତ୍ସବ ପାଳନ ସମୟରେ ସେମାନେ ମୁଣ୍ଡରେ ଧଳାପର ଗୁଚ୍ଛ ଓ ସୂତୁଲିରେ ଘଣ୍ଟି ବାନ୍ଧି ନାଲି ବସ୍ତ୍ରର ଉପରେ ଶରୀରର ଉପର ଭାଗରେ ସଜେଇ ହୋଇଥା'ନ୍ତି । ମହିଳାମାନଙ୍କର ଧଳା ସୂତା ସ୍କାର୍ଟ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ଲାଞ୍ଜିଆ ସଉରା ମହିଳାମାନେ ଶରୀରର ଉପର ଭାଗକୁ ଆଉ ଏକ ବସ୍ତ୍ର କିମ୍ବା ନୂତନ ବ୍ଲାଉଜ୍ ବ୍ୟବହାର କରିଥା'ନ୍ତି । ଏହି ସାଧାରଣ ପୋଷାକରେ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଲାଞ୍ଜିଆ ସଉରା ଜନଜାତି ମହିଳାମାନେ କାଠରେ ତିଆରି କାନ ପ୍ଲଗ୍ ପିନ୍ଧିଥା'ନ୍ତି । ଏହା ସେମାନଙ୍କୁ ଶବ୍ଦରୁ ସୁରକ୍ଷା ଦେଇଥାଏ । ସେମାନେ ମୁଣ୍ଡରେ ଏକ ବନ୍‌ପିନ୍ ପରିଧାନ କରିଥା'ନ୍ତି ଓ ତାହାକୁ ଅସ୍ତ୍ର ଭାବେ ମଧ୍ୟ ବ୍ୟବହୃତ କରାଯାଇଥାଏ । ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସେମାନେ ଅନେକ ଚେନ୍ ବ୍ୟବହାର କରିଥା'ନ୍ତି । ଲାଞ୍ଜିଆ ସଉରା ଜନଜାତି ମହିଳାମାନେ ହାର ଓ ଆଙ୍କଲେଟ୍ ପରିଧାନ କରିଥା'ନ୍ତି । ବହୁ ପୂର୍ବରୁ ସେମାନେ ମଧ୍ୟରେ ମୁହଁରେ ଚିତା କୁଟାଉଥିଲେ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ